ପ୍ରେସ୍‌ନୋଟ୍

# ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ ।

ଅନୁଗୋଳ,ତା. ୦୨.୧୦:- ଯୁଗସ୍ରଷ୍ଟା ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜିଲ୍ଲା ସ୍ତରୀୟ ଜୟନ୍ତୀ ଆଜି ସକାଳେ ଗାନ୍ଧୀ ପାର୍କ ଠାରେ ପାଳିତ ହୋଇଯାଇଛି । ଜିଲ୍ଲା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ସମାରୋହରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କର ଫଟୋଚିତ୍ର ନିକଟରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାନ୍ତି ଓ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀଙ୍କର ପାଦ ଏହି ମାଟିରେ ପଡିଥିଲା ୧୯୩୪ ମସିହା ମେ ମାସ ୫ ତାରିଖରେ । ତାଂକର ଏହି ଐତିହାସିକ ପଦଯାତ୍ରାକୁ ହୁଲୁରୁସିଂହା ଛକ ଠାରୁ ସିମିଳିପଡା ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବା ସହ ଗାନ୍ଧୀଜୀଙ୍କ ମୂର୍ତ୍ତୀ ସ୍ଥାନକୁ ଏକ ଐତିହ୍ୟ ସ୍ଥଳର ମାନ୍ୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲାପାଳ ନିଜେ ଏହି ମାର୍ଗ ଦେଇ ଯିବା ପରେ ଆସନ୍ତା ୮ ଦିନ ମଧ୍ୟରେ ସହରରୁ ଅଳିଆ ସଂପୂର୍ଣ୍ଣ ନିଷ୍କାସନ କରିବାକୁ ପରାମର୍ଶ ଦେଇଛନ୍ତି । ଗାନ୍ଧୀଜୟନ୍ତୀ ଉପଲକ୍ଷେ ଅନୁଗୋଳ ପୌରପାଳିକା ତରଫରୁ ସ୍ୱଛତା ପାଇଁ ଶପଥ ପାଠ ଓ ଏକ ସାଇକେଲ ରାଲିକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ । ପରେ ଜିଲ୍ଲାପାଳ ଆଦୃତା ଶିଶୁ ଗୃହ ଓ ସ୍ୱଧାର ଗୃହକୁ ପରିଦର୍ଶନ କରି ଅନ୍ତେବାସୀମାନଂକୁ ଫଳ ବଣ୍ଟନ କରିଥିଲେ । ବାଜିରାଉତ ଛାତ୍ରାବାସର ଛାତ୍ର ଛାତ୍ରୀମାନେ ଗାନ୍ଧୀଜୀଙ୍କର ପ୍ରିୟ ଭଜନ ଗାନ କରିଥିଲେ । ମଧ୍ୟାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଓସତ୍ତ୍ୱାନ ହଲରେ ଭିଡିଓ କନଫରେନ୍ସ ମାଧ୍ୟମରେ ଗାନ୍ଧୀଜୀଙ୍କର ଆଦର୍ଶମୟ ଜୀବନ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗାନ୍ଧୀବାଦର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଗାନ୍ଧୀ ଅହିଂସା ଓ ସତ୍ୟାଗ୍ରହ ଭଳି ୨ଟି ଅମୁଲ୍ୟ ବାର୍ତ୍ତା ବିଶ୍ୱକୁ ଦେଇ ଯାଇଛନ୍ତି । ଜଣେ ଲୋକର

ଲକ୍ଷ ଓ ପନ୍ଥା ନିର୍ମଳ ହେଲେ ସେ ବିବେକବାନ ହୋଇପାରିବ ବୋଲି ଗାନ୍ଧୀ କହିଥିଲେ । ଗାନ୍ଧୀଜୀ ସବୁବେଳେ ପରିବେଶର ସନ୍ତୁଳନ ଓ ଗାଁର ବିକାଶ କଥା ଭାବୁଥିଲେ । ଆଜିର ଦିବସକୁ ଜାତିସଂଘ ବିଶ୍ୱ ଅହିଂସା ଦିବସ ଭାବେ ପାଳନ କରୁଛି । ଗାନ୍ଧି ଦର୍ଶନ ଉପରେ ମୁଖ୍ୟବକ୍ତା ଆଲୋକପାତ କରିବା ସହ ଗାନ୍ଧିଙ୍କୁ ଜଣେ ମହା ମାନବ ଭାବେ ବିବେଚନା କରିଥିଲେ । ଗାନ୍ଧିଜୀ ନିଜ ଜୀବନକୁ ଏକ ଖୋଲା ବହି ବୋଲି କହୁଥିଲେ । ଗାନ୍ଧି ଥିଲେ ସର୍ବଧର୍ମ ସମନ୍ୱୟର ପ୍ରତୀକ । ପରିବେଶ ଓ ସ୍ୱଛତା ଉପରେ ସେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଗାନ୍ଧିଜୀଙ୍କର ମହାନ ଆଦର୍ଶମୟ ଜୀବନୀ ଓ ଗାନ୍ଧିବାଦ ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭିଡିଓ କନଫରେନ୍ସରେ ୮ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମ୍ପୃକ୍ତ ଅଂଚଳର ସାହିତ୍ୟିକ ଓ ଗାନ୍ଧୀବାଦୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି,ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦିଶ ରାୟ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ , ଶ୍ରୀ ବିନୋଦ ପଣ୍ଡା, ଡା.ସତ୍ୟ ନାରାୟଣ ସିଂ ସାମନ୍ତ,ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତିଂକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅପରାହ୍ନରେ ତାଳଚେର ଉପଜିଲ୍ଲାପାଳ ଶ୍ରୀ ରଜନୀ କାନ୍ତ ସ୍ୱାଇଁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଛନ୍ଦ ପ୍ରଧାନଂକୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ ।












ଅନୁଗୋଳ
NGUL
ଅନୁଗୋଳ
ANGU